# NATIONAL NEWS BULLETIN (ODIA)
## 17th September' 2026
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା, ସମର୍ପଣ ଓ ସୁଶାସନର ୨୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଆଜିଠାରୁ ଆରମ୍ଭ ହେଉଛି ସେବା ସଙ୍କଳ୍ପ ଅଭିଯାନ ।
- ନୂଆଦିଲ୍ଲୀରେ ଆଜି ସେମିକନ୍ ଇଣ୍ଡିଆ-୨୦୨୬କୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ଆଧାରିତ ସଂସ୍କାରକୁ ଗୁରୁତ୍ୱ ଦେଇ ଆଜିଠାରୁ ଆରମ୍ଭ ହେଉଛି ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୬ ।
- କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ଼ର ପୁନର୍ଗଠନ କଲେ କେନ୍ଦ୍ର ସରକାର ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍‌ରେ ଆଜି ଭାରତ-ଆଫଗାନିସ୍ତାନ ମଧ୍ୟରେ ଖେଳାଯିବ ଫାଇନାଲ୍ ମ୍ୟାଚ୍ ।

## ପି.ଏମ୍. ବାର୍ଥଡେ - ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଏବଂ ତାଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ମାସେବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ' ଆଜି ଗୁଜରାଟର ଭାଦନଗରଠାରୁ ଆରମ୍ଭ ହେବ । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍ ଭାଦନଗରରୁ ବାରାଣସୀ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ୍ ର୍‍ୟାଲିର ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମସ୍ଥଳୀ ଭାଦନଗରଠାରେ ଆଜି ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଶ୍ରୀ ଶାହା ଏବଂ ଶ୍ରୀ ପଟେଲ୍ ଐତିହାସିକ ଶର୍ମିଷ୍ଠା ହ୍ରଦଠାରେ ମହାଳତୀ କାର୍ଯ୍ୟକ୍ରମରେ ଯୋଗଦେବେ । ସେଠାରୁ କଳସରେ ଜଳ ସଂଗ୍ରହ କରାଯାଇ ବାରାଣସୀ ଯାତ୍ରା କରୁଥିବା ମୋଟର ସାଇକେଲ୍ ଚାଳକମାନଙ୍କୁ ଦିଆଯିବ । ଏହି ବରିଷ୍ଠ ନେତୃବୃନ୍ଦ ହ୍ରଦରୁ ପଦଯାତ୍ରା କରି ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବେ । ଏହାପରେ ୨୫୦ ମୋଟର ସାଇକେଲ୍ ଚାଳକ ର୍‍ୟାଲିରେ ବାରାଣସୀ ପର୍ଯ୍ୟନ୍ତ ଯାତ୍ରାକରି ଜନସେବାର ବାର୍ତ୍ତା ପ୍ରଦାନ କରିବେ ।

ଭାବନଗର ରେଳଷ୍ଟେସନଠାରେ ଶ୍ରୀ ଶାହା ଏବଂ ଶ୍ରୀ ପଟେଲ ଆୟୋଜିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ପି.ଏମ୍. - ବାର୍ଥଡେ ୱିସେସ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଜନ୍ମଦିବସରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉପରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକ୍ରମେ ଭାରତ ବିଶ୍ୱରେ ଏକ ଉଜ୍ଜ୍ୱଳ କ୍ଷେତ୍ର ଭାବେ ଜାଜ୍ଜୁଲ୍ୟମାନ ହେଉଛି ଏବଂ ବୃହତ୍ ଅର୍ଥନୀତି ଦିଗରେ ଦ୍ରୁତ ଅଗ୍ରସର ହେଉଛି । ସେ କହିଛନ୍ତି, ୨୫ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ଦାରିଦ୍ର୍ୟମୁକ୍ତ ହୋଇପାରିଛନ୍ତି । ରୂପାନ୍ତରିତ ଡିଜିଟାଲ୍ ପରିବର୍ତ୍ତନ ବିପ୍ଳବଦ୍ୱାରା ଅନେକ କ୍ଷେତ୍ର ମହାକାଶ, ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ ସଶକ୍ତ କରାଯାଇପାରିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ପି.ଏମ୍. ଗତିଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାର ଆଜି ୨୫ ବର୍ଷ ପୂରଣ ହେଉଛି । ଏହା ହେଉଛି ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଆଜି ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ପ୍ରତିବଦ୍ଧତା । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଆଜି ଏହି ସ୍ୱତନ୍ତ୍ର ଧାରାବାହିକରେ ଆମେ ଆପଣଙ୍କୁ 'ମାଇଁ ଗଭ୍' ପ୍ଲାଟ୍‌ଫର୍ମ ମାଧ୍ୟମରେ ଏହି ଲକ୍ଷ୍ୟକୁ କିପରି କାର୍ଯ୍ୟରେ ପରିଣତ କରାଯାଇପାରିଛି, ତାହାର ଉଦାହରଣ ପ୍ରଦାନ କରୁଛୁ । ଆଜି ଏହି ଧାରାବାହିକରେ ସ୍ଥାନ ପାଇଛି ପି.ଏମ୍. ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ।

ପି.ଏମ୍. ଗତିଶକ୍ତି ଦେଶର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି ।

***Voice*** **:.........**

ଜାତୀୟ ସ୍ତରରେ ଗୋଟିଏ ନେଟ୍‌ୱାର୍କ ସଂଯୋଗୀକରଣ ବିକାଶ ମାଧ୍ୟମରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ପି.ଏମ୍. ଗତିଶକ୍ତି ସହାୟକ ହେଉଛି । ଏହି ଜାତୀୟ ମାଷ୍ଟର ପ୍ଲାନ୍ ଭିତ୍ତିଭୂମି କ୍ଷେତ୍ରରେ ୧୬ଟି ମନ୍ତ୍ରଣାଳୟ ଓ ବିଭାଗ ସହ ମିଶି ଯୋଜନା ପ୍ରସ୍ତୁତ କରି ଦୂରତାକୁ ଚିହ୍ନଟ କରିବା ସହ ଯୋଜନାଗୁଡ଼ିକର ସମନ୍ୱୟ ଏବଂ ନିର୍ଦ୍ଧାରିତ ସମୟରେ ଶେଷ

କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହା ମାଧ୍ୟମରେ ପ୍ରାୟ ଶହେ ଲକ୍ଷ କୋଟି ଟଙ୍କାର ଜାତୀୟ ରାଜପଥ, ରେଳ, ବନ୍ଦର, ବିମାନବନ୍ଦର, ଶିଳ୍ପ କରିଡର, ଶକ୍ତି, ପାୱାର ଲାଇନ୍ ଏବଂ ଲଜିଷ୍ଟିକ୍ ନେଟ୍‌ୱାର୍କକୁ ସଂଯୋଗ କରାଯାଇଛି । ଦୁର୍ନୀତି ନ ହେବା, ବିଳମ୍ବକୁ ଏଡ଼ାଇବା ଏବଂ ନିର୍ଦ୍ଧାରିତ ସମୟ ଅନୁସାରେ ଭିତ୍ତିଭୂମିର ବିକାଶ କରିବା ହେଉଛି ଏହାର ଲକ୍ଷ୍ୟ । ପି.ଏମ୍. ଗତିଶକ୍ତି' ସଡ଼କ, ରେଳ, ବନ୍ଦର ଓ ବିମାନ ବନ୍ଦରକୁ ଭିନ୍ନ ଭିନ୍ନ ପ୍ରକଳ୍ପ ଭାବରେ ଗ୍ରହଣ ନ କରି ଗୋଟିଏ ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ କରିଥାଏ । ପି.ଏମ୍. ଗତିଶକ୍ତି ଅସଂଯୁକ୍ତ ଭିତ୍ତିଭୂମିକୁ ଗୋଟିଏ ସଂଯୁକ୍ତ ଜାତୀୟ ବିକାଶର ଇଞ୍ଜିନ ଭାବେ ଗଢ଼ିତୋଳିବାରେ ସହାୟକ ହେଉଛି ।

## ମୁଖ୍ୟମନ୍ତ୍ରୀ - ସେବା ସଙ୍କଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦ ବର୍ଷର ନିରବଚ୍ଛିନ୍ନ ସେବା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଭାବେ ୨୫ ବର୍ଷର ନେତୃତ୍ୱ ସମଗ୍ର ଦେଶକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ରଭାବେ ଗଢ଼ିତୋଳିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଯାତ୍ରାକୁ ସମ୍ମାନ ଜଣାଇ ଦେଶରେ ଆଜିଠାରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି । ଶ୍ରୀ ମୋଦୀଙ୍କ ଏହି ଯାତ୍ରା 'ଜନସେବାରୁ ଦେଶସେବାର ମନ୍ତ୍ର' ନିରନ୍ତର ପ୍ରତିବଦ୍ଧତାକୁ ସୂଚାଉଛି ।

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସରକାର ଅନବରତ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶୀର୍ବାଦର ଦୀପ ଜାଳିବାକୁ ଜନସାଧାରଣଙ୍କୁ ଅହ୍ୱାନ ଜଣାଇଛନ୍ତି । ଭୁବନେଶ୍ୱର ଗୁପ୍ତେଶ୍ୱର ମନ୍ଦିରରେ ଆଜି ଦୀପଦାନ କରାଯିବ।

## ପି.ଏମ୍. - ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୂର୍ବାହ୍ନରେ ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୬ର ପଞ୍ଚମ ସଂସ୍କରଣର ଉଦ୍‌ଘାଟନ କରିବେ ।ଏହି ଅବସରରେ ଜନସମାବେଶକୁ ସମ୍ବୋଧନ କରିବେ । ଏହି ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, "ସିଲିକନ୍ ଟୁ ସିଷ୍ଟମ୍‌ସ : ବିଲ୍‌ଡିଂ ଦି ଇକୋସିଷ୍ଟମ୍" । ଏଥିରେ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ସହ ସମ୍ପୃକ୍ତ ବୈଶ୍ୱିକ ଏବଂ ଭାରତୀୟ କମ୍ପାନୀ, ନୀତି ନିର୍ଦ୍ଧାରକ, ନିବେଶକାରୀ, ଗବେଷକ, ଷ୍ଟାର୍ଟଅପ୍, ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ । ସେମିକଣ୍ଡକ୍ଟର କ୍ଷେତ୍ରରେ ମିଳିତ ସହଯୋଗକୁ ପ୍ରୋତ୍ସାହିତ କରିବା ସହିତ ନବସୃଜନକୁ ତ୍ୱରାନ୍ୱିତ କରିବା, ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା, ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଭବିଷ୍ୟତପାଇଁ ଦକ୍ଷ ପ୍ରତିଭା ବିକାଶ କରିବାପାଇଁ ବିଶ୍ୱସ୍ତରୀୟ

ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥାକୁ ମଜବୁତ କରିବା ଲାଗି ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି । ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟରତ ସ୍ୱଦେଶୀ ଏବଂ ଆନ୍ତର୍ଜାତିକ କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା, ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଓ ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବାରେ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏଥିରେ ୪୦ରୁ ଅଧିକ ଦେଶର ୬୦୦ରୁ ଅଧିକ କମ୍ପାନୀ ଭାଗ ନେବା ସହ ୫୦ ହଜାର ଦର୍ଶକ ଅଂଶଗ୍ରହଣ କରିବାର ଆଶା କରାଯାଉଛି । ୫୨ଟି ଦେଶର ପ୍ରତିନିଧି, ୪୦୦ କାର୍ଯ୍ୟନିର୍ବାହୀ ଏବଂ ୧୫୦ରୁ ଊର୍ଦ୍ଧ୍ୱ ବକ୍ତା ଯୋଗଦେବେ । ପ୍ରଦର୍ଶନୀରେ ୬ଟି ଦେଶ ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ନେଦରଲ୍ୟାଣ୍ଡ୍ସ, ସିଙ୍ଗାପୁର ଏବଂ ସ୍ୱିଡେନ୍‌ର ପାଭିଲିୟନ୍ ସମେତ ୧୨ଟି ରାଜ୍ୟର ଷ୍ଟାର୍ଟଅପ୍ ପାଭିଲିଅନ୍, ନବସୃଜନ ପ୍ରଦର୍ଶନୀ, ଛାତ୍ରମାନଙ୍କ ହାକାଥନ ଆଦି ସ୍ଥାନ ପାଇବ ।

## ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୬ ଆଜିଠାରୁ ଦେଶ ବ୍ୟାପି ଆରମ୍ଭ ହେଉଛି । ଏହି ଅଭିଯାନ ଆସନ୍ତାମାସ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରିବା, ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା

ଆଧାରିତ ସଂସ୍କାର ଏବଂ ଏଥିରେ ଯୁବପିଢ଼ିଙ୍କୁ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳଲକ୍ଷ୍ୟ । ଏହା ଦ୍ୱାରା ପୁନଃ ସଂଯୋଜିତ ଅର୍ଥନୀତି ଏବଂ ବର୍ଜ୍ୟବସ୍ତୁରୁ ଆୟ ସାଧନର ମାର୍ଗ ଉନ୍ମୁକ୍ତ ହୋଇପାରିବ । ସ୍ୱଚ୍ଛତାରେ ସହଭାଗୀ, ସ୍ୱଚ୍ଛ ଭାରତ, ବିକଶିତ ଭାରତ ଏବଂ ସ୍ୱଚ୍ଛ ଓ ବିକଶିତ ଭାରତ ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବାରେ ସାମୂହିକ ଅଂଶଗ୍ରହଣ ତଥା ସହଭାଗୀ ଦାୟିତ୍ୱ ପ୍ରସଙ୍ଗ ଆଧାରରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ସ୍ୱଚ୍ଛ ଭାରତ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ସେବାର ୨୫ ବର୍ଷ ପୂରଣ ଅବସରରେ ଆସନ୍ତାମାସ ୭ ତାରିଖରେ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଛି ।

ଏହି ଅଭିଯାନର ମହତ୍ୱ ଉପରେ ଆଲୋକପାତ କରିବା ସହିତ ଏଥିରେ ସାମିଲ ହୋଇ ଏହାକୁ ସଫଳ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ଆସନ୍ତାମାସ ୨ ତାରିଖ ଗାନ୍ଧିଜୟନ୍ତୀ ଅବସରରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସାର୍ବଜନୀନ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ଏକ୍ ପେଡ୍ ମା’ କେ ନାମ୍ ପଦକ୍ଷେପ ଅଧୀନରେ ଚାରା ରୋପଣକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ ।

# ପି.ଏମ୍. - ବିଶ୍ୱକର୍ମା

ପିଏମ୍ ବିଶ୍ୱକର୍ମା ଯୋଜନାକୁ ଆଜି ୩ ବର୍ଷ ପୂରଣ ହେଉଛି । ୩୦ ଲକ୍ଷ ହିତାଧିକାରୀ ଏଥିରେ ପଞ୍ଜିକୃତ ହୋଇଥିବାରୁ ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ଯୋଜନାକୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ଅବସରରେ ଆଜି କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଏମ୍.ଏସ୍.ଏମ୍.ଇ. ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନାର ତୃତୀୟ ବାର୍ଷିକୀ ପୂର୍ତ୍ତି ଉତ୍ସବର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ କେନ୍ଦ୍ର ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଜିତନ ରାମ ମାନ୍ଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ – ୧୮ଟି ଚିହ୍ନିତ ବାଣିଜ୍ୟିକ କ୍ଷେତ୍ରରେ ପାରମ୍ପରିକ କାରିଗର ଏବଂ ହସ୍ତଶିଳ୍ପ କାରିଗରଙ୍କୁ ନିଜର ବ୍ୟାବସାୟିକ ପରିସର ବୃଦ୍ଧି କରିବା ଲାଗି ବିଭିନ୍ନ ସହାୟତା ଯୋଗାଇଦେବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ବିଶ୍ୱକର୍ମାମାନଙ୍କର ପାରମ୍ପରିକ  ଦକ୍ଷତାକୁ ଅଧିକ ସଶକ୍ତ କରିବା ଲାଗି ଏହି ଯୋଜନା ଅଧୀନରେ ଅତ୍ୟାଧୁନିକ ଜ୍ଞାନକୌଶଳ, ଆର୍ଥିକ ସହଯୋଗ, ବଜାର ସଂଯୋଗୀକରଣ ଏବଂ ଆନୁଷ୍ଠାନିକ ସହାୟତା ଯୋଗାଇ ଦିଆଯାଉଛି । ଏହାଦ୍ୱାରା

ବିଶ୍ୱକର୍ମାମାନଙ୍କର ଆୟ, ଉଦ୍ୟମିତ ଦକ୍ଷତା ଏବଂ ଉତ୍ପାଦନ ବୃଦ୍ଧି ପାଇବାରେ ପ୍ରୋତ୍ସାହନ ମିଳୁଛି ।

## ସି.ବି.ଏଫ୍.ସି. - ନିୟୁ ମେମ୍ବର

କେନ୍ଦ୍ର ସରକାର କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ଼ର ପୁନର୍ଗଠନ କରିଛନ୍ତି । ଏହି ବୋର୍ଡ଼ ୩ ବର୍ଷପାଇଁ କାର୍ଯ୍ୟ କରିବ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପୁନର୍ଗଠିତ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ଼ରେ ୧୮ ଜଣ ସଦସ୍ୟ ରହିଛନ୍ତି । ସେମାନେ ହେଲେ - ବିନୋଦ ଅନୁପମ, ମନୋଜ ଯୋଶୀ, ହଂସରାଜ ହଂସ, ପ୍ରୀତି ଜିଣ୍ଟା, ପଙ୍କଜ ତ୍ରିପାଠୀ, ରିକି କେଜ୍, ସୁନିଲ୍ ସେଟ୍ଟୀ, ରୂପାଲି ଗାଙ୍ଗୁଲି, ପ୍ରିୟଦର୍ଶନ ଓ ନୀଳମାଧବ ପଣ୍ଡା । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁନର୍ଗଠିତ ବୋର୍ଡ଼ ସଂକ୍ରାନ୍ତୀୟ ବିଜ୍ଞପ୍ତି ଗତକାଲି ଜାରି କରାଯାଇଛି ।

## କ୍ରିକେଟ୍ - ଇଣ୍ଡିଆ-ଆଫଗାନିସ୍ତାନ

ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡୟିମ୍‌ଠାରେ ଆଜି ଭାରତ-ଆଫଗାନିସ୍ତାନ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ପୁରୁଷ ବର୍ଗ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ସାଢ଼େ ୭ଟାରେ ଆରମ୍ଭ ହେବ ।

୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି । ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଆଫଗାନିସ୍ତାନକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା । ଦଳ ପକ୍ଷରୁ ସଞ୍ଜୁ ସାମ୍‌ସନ୍ ୨୨ଟି ବଲ୍‌ରୁ ୫୭ ରନ୍ ସଂଗ୍ରହ କରିଥିଲେ ।

## ଆଇ.ଏମ୍.ଡି. - ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ଉତ୍ତର-ପୂର୍ବ ଭାରତର ଅଧିକାଂଶ ଭାଗ ଏବଂ ବିହାର, ପଶ୍ଚିମବଙ୍ଗ, କେରଳ, ମାହେ ଓ ତାମିଲନାଡୁରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ସେହିପରି ଜମ୍ମୁ-କାଶ୍ମୀର, ହରିୟାନା, ଚଣ୍ଡୀଗଡ଼, ପଞ୍ଜାବ, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଏବଂ ଗୁଜରାଟରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ହେବାର ସୂଚନା ଦିଆଯାଇଛି । ଦିଲ୍ଲୀରେ ଆଜି ଆକାଶ ମେଘାଚ୍ଛନ୍ନ ରହିବା ସହ ସାମାନ୍ୟ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*****